
# ସାହିତ୍ୟର ଅଲକାନନ୍ଦା

## ମନମୋହନ ମିଶ୍ର ବିଶେଷାଙ୍କ



# ସାହିତ୍ୟର ଅଲକାନନ୍ଦା

## ମନମୋହନ ମିଶ୍ର ବିଶେଷାଙ୍କ : ଅକ୍ଟୋବର -୨୦୨୦


॥ ସମ୍ପାଦକ ॥

**ବାଞ୍ଛାନିଧି ଦାସ**

ମୋ.:୯୩୩୮୫୮୧୫୦୦

॥ ଅକ୍ଷର ॥

**ସହଯୋଗ ପ୍ରିଣ୍ଟର୍ସ**

ଭାସ୍କରଗଂଜ,ବାଲେଶ୍ୱର

॥ ମୁଦ୍ରଣ ॥

**ରଘୁନାଥ ପ୍ରେସ୍**

ଗୋପାଳଗାଁ,ବାଲେଶ୍ୱର

॥ ପ୍ରକାଶକ ॥

**ଅଲକାନନ୍ଦା ପ୍ରକାଶନୀ**

ଅଙ୍ଗାରଗଡ଼ିଆ, ବାଲେଶ୍ୱର

ମୂଲ୍ୟ : ୩୦/-


### 'ସାହିତ୍ୟର ଅଲକାନନ୍ଦା'ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

'ସାହିତ୍ୟର ଅଲକାନନ୍ଦା'କୁ ଲେଖା ପଠାଇବାବେଳେ ଲେଖକମାନେ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିଜ ଲେଖାରେ ଫୁଟି ଉଠୁଛି କି ନାହିଁ ନିଜେ ଦେଖିବେ ଯେଉଁ ଲେଖାର ଅନ୍ତଃସ୍ୱର ସାମ୍ରାଜ୍ୟବାଦୀ ସାଂସ୍କୃତିକ ଚେତନାର ବିରୋଧୀ, ତାହା ହିଁ 'ଅଲକାନନ୍ଦା' ପାଇଁ ଯୋଗ୍ୟ ଲେଖା । ଯେଉଁ ଲେଖା ସାଂପ୍ରଦାୟିକ ସହାବସ୍ଥାନର ଜୟଗାନ କରେ ତାହା ଅବଶ୍ୟ ସ୍ୱାଗତଯୋଗ୍ୟ ।

### 'ସାହିତ୍ୟର ଅଲକାନନ୍ଦା'ର ଦେୟ

ପ୍ରତ୍ୟେକ ସଂଖ୍ୟାର ମୂଲ୍ୟ ତିରିଶ ଟଙ୍କା ମାତ୍ର । ବାର୍ଷିକ ଦେୟ ତିନିଶହ ଷାଠିଏ ଟଙ୍କା । ଆଜୀବନ ସଦସ୍ୟ ଦେୟ ତିନିହଜାର ଟଙ୍କା ।

### ଯୋଗାଯୋଗ


ବାଞ୍ଛାନିଧି ଦାସ

ସମ୍ପାଦକ : ସାହିତ୍ୟର ଅଲକାନନ୍ଦା, ଅଲକାନନ୍ଦା ପ୍ରକାଶିନୀ, ଅଙ୍ଗାରଗଡ଼ିଆ, ବାଲେଶ୍ୱର-୭୫୬୦୦୧

ମୋବାଇଲ : ୯୩୩୮୫୮୧୫୦୦


*ବି.ଦ୍ର. : ଏତେବର୍ଷ ପରେ ଏହି ପତ୍ରିକା RNI, New Delhi ଙ୍କ ଠାରୁ 'ସାହିତ୍ୟର ଅଲକାନନ୍ଦା'ଟି ପ୍ରୋକ୍ତ ପତ୍ରିକାର ନୂତନ ନାମ ଭାବେ ସ୍ୱୀକୃତି ପାଇଛି । ଆଶା, ଆଜିଠାରୁ ପାଠକେ ଏ ପତ୍ରିକାକୁ ଏହି ନାମରେ ଗ୍ରହଣ କରିବେ ଓ ଯଥାପୂର୍ବକ ସହଯୋଗ ଅବ୍ୟାହତ ରଖିବେ ।*

# ( ସୂଚୀ )


- ସମ୍ପାଦକୀୟ....

| | |
|---|---|
| ବାଞ୍ଛାନିଧି ଦାସ | ୪ |

- ଆଲେଖ୍ୟ/ଆଲୋଚନା....

| | |
|---|---|
| ପ୍ରଫେସର ବୈଷ୍ଣବ ଚରଣ ସାମଲ | ୫ |
| ଡ. ହୁସେନ୍ ରବି ଗାନ୍ଧୀ | ୧୦ |
| ବସନ୍ତ ମାଝୀ | ୧୫ |
| କୁଳମଣି ଜେନା | ୧୯ |
| ପ୍ରଫେସର ରାଧାକାନ୍ତ ବାରିକ | ୨୩ |
| କେଦାରନାଥ ପ୍ରଧାନ | ୨୫ |
| ଶୁଭେନ୍ଦୁ ମୋହନ ଦାସ | ୨୮ |
| ଅଭିମନ୍ୟୁ ବେହେରା | ୩୪ |
| ଧୀରେନ୍ଦ୍ର ବଳ | ୩୭ |
| ଡକ୍ଟର ଗୋପୀନାଥ ବାଗ | ୪୧ |

- କବିତା....

| | |
|---|---|
| ଚାରୁଲତା ଭୂୟାଁ | ୪୭ |
| ଡ.କଳ୍ପନା ମହାନ୍ତି | ୪୮ |
| ଭରତ ବେହେରା | ୪୯ |
| ଅକ୍ଷୟ ପାତ୍ର | ୫୦ |
| କୁମୁଦ ଚନ୍ଦ୍ର ଦାଶ | ୫୧ |
| ଡ. ଜୟଶ୍ରୀ ନନ୍ଦ | ୫୨ |
| ସଦାଶିବ ଦାଶ | ୫୩ |
| ଅଶୋକ ମହାନ୍ତି | ୫୪ |
| ଡ. ବଂଶୀଧର ଚୌଧୁରୀ | ୫୫ |
| ସୁଭାଷିନୀ ଜୀ | ୫୬ |
| ଧୀରେନ୍ ଆଚାର୍ଯ୍ୟ | ୫୭ |
| ଶ୍ରୀଦେବ | ୫୮ |

- କବିତା....

| | |
|---|---|
| ପୁସ୍ତକ ସମୀକ୍ଷା | ୬୨ |


***

# ସୁରେନ୍ଦ୍ର ମହାନ୍ତିଙ୍କ ଉପନ୍ୟାସରେ ମୂଲ୍ୟବୋଧ ଓ ସାମାଜିକ ପ୍ରତିବଦ୍ଧତା

ଡକ୍ଟର ଗୋପୀନାଥ ବାଗ

ପ୍ରଥିତକୃତ ଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ ଉପନ୍ୟାସ ଉଗ୍ର ଆଧୁନିକ ମଣିଷର ଜୀବନଚର୍ଯ୍ୟା ଉପରେ ପର୍ଯ୍ୟବସିତ । ରାଜନୀତି ସହ ଜଡ଼ିତ ଥିବା ଏହି ସାହିତ୍ୟପ୍ରାଣ ମଣିଷ କ୍ଷମତାଦୃପ୍ତ ରାଜନୀତି, ମଣିଷର ଭ୍ରାନ୍ତି ଅହଂକାରବୋଧ ଓ ସ୍ୱାଧୀନୋତ୍ତର ବହୁଧା ବିକ୍ଷୁବ୍ଧ ଭାରତୀୟ ଜନଜୀବନକୁ ଗଭୀର ଭାବରେ ଅନୁଶୀଳନ କରି ସେସବୁକୁ ନିଜ ସୃଷ୍ଟିରେ ଉପସ୍ଥାପନ କରିଛନ୍ତି । ତାଙ୍କ ଉପନ୍ୟାସ ହେଉଛି ମଣିଷ ସମାଜ ଓ ଜୀବନର ଜୀବନ୍ତାଲେଖ୍ୟ । ସୁରେନ୍ଦ୍ରଙ୍କ ସାରସ୍ୱତ ସାମ୍ରାଜ୍ୟରେ ଦିଶେ ବିଚିତ୍ର ମଣିଷର ବିଶାଳ ଶୋଭାଯାତ୍ରା । ଏହି ମଣିଷ କେତେବେଳେ ରାଜନୀତିର ବ୍ୟୂହ ମଧ୍ୟରେ ବିକଳ ଓ ଅସହାୟ ତ କେତେବେଳେ କ୍ଷମତାସୀନ ବ୍ୟକ୍ତିତ୍ୱ ମଧ୍ୟରେ ନିଃସଂଗ ଓ କରୁଣ, କେତେବେଳେ କ୍ଷୟିଷ୍ଣୁ ସଂସ୍କୃତି ମଧ୍ୟରେ ଯନ୍ତ୍ରଣାଦଗ୍ଧ ଓ କାତର ତ କେତେବେଳେ ନିରୀହତା ଓ ଅସହାୟତାର ମୂର୍ତ୍ତିମନ୍ତ ରୂପ । ସେ ଯେଉଁଠି ଯେଉଁ ରୂପରେ ଥିଲେ ବି ଜୀବନର ଉପସ୍ଥିତିରେ ଭାସ୍ୱର ।

ସୁରେନ୍ଦ୍ର ଉପନ୍ୟାସରେ ଯେଉଁ ମଣିଷକୁ ତୋଳି ଧରିଛନ୍ତି, ତାହା ଅନନ୍ୟ ସାଧାରଣ ଓ ଅମଳିନ । ଜୀବନ ସଂଗ୍ରାମରେ ସେ କାତର ନୁହେଁ । ଦୁଃସ୍ଥିତି, ଦୁର୍ଗତି, କ୍ଷୁଧା, ଲାଞ୍ଛନାରେ ସୁଦ୍ଧା ସଂଗ୍ରାମ କରିଛି । ସାଫଲ୍ୟରେ ଉଲ୍ଲସିତ ହୋଇଛି, ବୈଫଲ୍ୟରେ ସାଜିଛି ନୈରାଶ୍ୟବାଦୀ । ମଣିଷ ସମାଜରେ ରହିଛି ଅନେକ ସମସ୍ୟା । ଏ ସମସ୍ୟା କେବଳ କ୍ଷୁଧା ତୃଷ୍ଣାର ଜାନ୍ତବ ସମସ୍ୟା ନୁହେଁ; ଜୀବନର ଆଧ୍ୟାତ୍ମିକ ଓ ଆବେଗଗତ ମହିମ୍ନ ସମସ୍ୟା । ସୁରେନ୍ଦ୍ରଙ୍କ ଉପନ୍ୟାସ ଗୁଡ଼ିକରେ ସମସ୍ୟାର ପ୍ରାବଲ୍ୟ ରହିଛି ।

କଲେଜ ଛାତ୍ରଛାତ୍ରୀଙ୍କ ପ୍ରେମ କାହାଣୀକୁ ନେଇ ସୁରେନ୍ଦ୍ର ଲେଖିଛନ୍ତି 'କଲେଜବୟ' ଉପନ୍ୟାସ । ଇଂରାଜୀ ଶିକ୍ଷା ଓ ସଭ୍ୟତା ଓଡ଼ିଶାର ଯୁବସମାଜକୁ କିପରି ବିପଥଗାମୀ କରିଛି ତାର ଏକ ବାସ୍ତବ ଚିତ୍ର ଅଙ୍କନ କରିଛନ୍ତି ଔପନ୍ୟାସିକ ଏହି କଲେଜ ବୟ ଉପନ୍ୟାସରେ । ସ୍ୱାଧୀନତା ଆନ୍ଦୋଳନର ପ୍ରେକ୍ଷାପଟରେ ରଚିତ ହୋଇଥିବା ଏହି ଉପନ୍ୟାସରେ ସ୍ୱାଧୀନତା ଆନ୍ଦୋଳନ ସମୟରେ ପ୍ରେମରେ ମଦମତ୍ତ ହୋଇ କଲେଜ ଛାତ୍ରଛାତ୍ରୀ ସମାଜରେ ଭ୍ରଷ୍ଟାଚାର ସୃଷ୍ଟିକରି ଜାତିର ବିକାଶରେ ଯେଉଁ ଅନ୍ତରାୟ ସୃଷ୍ଟି କରିଛନ୍ତି ତାର ବାସ୍ତବ ଚିତ୍ର ରହିଛି । ସ୍ୱାଧୀନତାର ପ୍ରାକ୍‌କାଳରେ ଏକଦା ଏ ଜାତିର ମାନବ ସମାଜ ଯେଉଁ ଅଭିଳାଷ ନେଇ ଉଚ୍ଚଶିକ୍ଷା ପାଇବା ପାଇଁ କଲେଜ ଯାଉଥିବା ତାହା ସ୍ୱାଧୀନତା ସମୟକୁ କ୍ରମଶଃ କ୍ଷୀଣ ହୋଇଯାଇଛି । ମନୁଷ୍ୟର ରାଜନୀତିକ ସ୍ୱାଧୀନତା ଆସିଛି ମାତ୍ର ତାର ନୈତିକ ସ୍ୱାଧୀନତା, ସ୍ୱାଭିମାନବୋଧ କ୍ରମଶଃ ତା ମନରୁ ଦୂରେଇ ଯାଇଛି, ଉତ୍କଳୀୟ ସଂସ୍କୃତି, ସଭ୍ୟତା ବିକଳାଙ୍ଗ ହୋଇ ପଡ଼ିଛିମ ।[୧]

ବଧୂ ଓ ପ୍ରିୟା ହେଉଛି ସୁରେନ୍ଦ୍ରଙ୍କ ଏକ ମନସ୍ତାତ୍ତ୍ୱିକ ଉପନ୍ୟାସ । '୧୯୧୩ରୁ ୧୯୧୫ ମଧ୍ୟରେ ମନସ୍ତତ୍ତ୍ୱ ମୂଳକ ଉପନ୍ୟାସ ଗୁଡ଼ିକର ସୃଷ୍ଟି ବୋଲି ବିଶିଷ୍ଟ ଐତିହାସିକମାନେ ମତ ବ୍ୟକ୍ତ କରିଥାନ୍ତି । ଏଥିରେ the teaching modern psychology have shown (and we have daily eviedence of it in our own lives if we know how to observe it) than an unconscious level of experience is constituted within us whose conscious patterns may be read only by those especially qualified to do so.'[୨] ଏହି ଉପନ୍ୟାସର ପ୍ରତ୍ୟେକ ଚରିତ୍ର ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରିଛନ୍ତି ସୁରେନ୍ଦ୍ର । ତରୁଣ ଶିଳ୍ପୀ ତାଙ୍କର ଏକଦା ରେଳଯାତ୍ରା ସମୟରେ ଅବସରପ୍ରାପ୍ତ କର୍ମଚାରୀ ରାମନାରାୟଣ ବାବୁ ଓ ତାଙ୍କ କନ୍ୟା ଲୀଳାଙ୍କ ସହିତ ଘନିଷ୍ଠ ହୁଏ ଓ ରାମନାରାୟଣ ବାବୁଙ୍କ ଅନୁରୋଧରେ ତାଙ୍କ ଘରକୁ ଯିବା ଆସିବା କରେ । ଏହି ଯିବା ଆସିବା ଭିତରେ ପଙ୍କଜ ଓ ଲୀଳା ମଧ୍ୟରେ ପ୍ରଣୟର ସୂତ୍ରପାତ ହୁଏ । ରାମନାରାୟଣ ବାବୁ ଅର୍ଥ ଉପାର୍ଜନର ଲାଳସା ଦେଖାଇବାରୁ ସଂଗୀତର ସ୍ୱପ୍ନରେ

ବିଭୋର ରହୁଥିବା ପଙ୍କଜ ତାହା ସ୍ୱୀକାର ନକରି ସେମାନଙ୍କ ଜୀବନ ପରିଧିବରୁ ବାହାରିଯାଏ । ରାମନାରାୟଣ ବାବୁ ନିଜର ବନ୍ଧୁପୁତ୍ର ଶ୍ରୀକାନ୍ତ ସହିତ ଲୀଳାର ବିବାହ କରିଦିଅନ୍ତି । ଦୀର୍ଘ ପାଞ୍ଚବର୍ଷର ବ୍ୟବଧାନ ପରେ ପୁଣି ପଙ୍କଜ ଓ ଲୀଳାର ସାକ୍ଷାତ ହୁଏ । ପଙ୍କଜ ସାଂଘାତିକ ଭାବରେ ଅସୁସ୍ଥ ହୋଇ ପଡ଼ିଥିବାରୁ ତାକୁ ନିଜ ଘରକୁ ନେଇଆସେ ଶ୍ରୀକାନ୍ତ । ଲୀଳାର ସେବାଯତ୍ନରେ ସୁସ୍ଥ ହୋଇ ତାକୁ ନିଜର କରିବାକୁ ପଙ୍କଜ ଅନୁରୋଧ କରେ । କିନ୍ତୁ ଲୀଳା ପଙ୍କଜ ମୁହଁରେ ଜୋର୍‌ରେ ଆଘାତ ଦେବାରୁ ପଙ୍କଜ ଘର ଛାଡ଼ି ଚାଲିଯାଏ । ଲୀଳା ଭାବି ବସେ ପଙ୍କଜ ଯିବା ପୂର୍ବରୁ ତା' କପାଳରେ ଅନ୍ତତଃ ପ୍ରିୟା ଲୀଳା ବିଦାୟର ଶେଷ ଚୁମ୍ବନ ଦେବାର ଥିଲା । ଏହି ଉପନ୍ୟାସର ଲୀଳା ଓ ପଙ୍କଜର ନିଃସଂଗ ଜୀବନର ବର୍ଣ୍ଣନା ରହିବା ସହିତ ସମଗ୍ର ମାନବ ସମାଜ ସଂକୀର୍ଣ୍ଣତାରୁ ମୁକ୍ତ ହୋଇ ବୃହତ୍ତର ଦିଗ୍‌ବଳୟ ଆଡ଼େ ଅଗ୍ରସର ହେବାର ଆହ୍ୱାନ ରହିଛି ।

କୋଟିଏ ଟଙ୍କା, କୋଟିଏ କର୍ମୀ, କୋଡ଼ିଏ ଲକ୍ଷ ଚରଖା ଏକାଠି ହେଲେ, ଏ ଦେଶରୁ ଇଂରେଜ ଶକ୍ତି ହଟିଯିବ; ଆମ ଦେଶରେ ଆମେ ହେବା ସ୍ୱାଧୀନ' ଗାନ୍ଧିଙ୍କ ଏହି ଅମରବାଣୀରେ ସ୍ୱାଧୀନତାର ପ୍ରାକ୍‌କାଳରେ ଉତ୍କଳବାସୀ ଉଦ୍‌ବୁଦ୍ଧ ହୋଇ ଉଠିଥିଲେ ଦେଶପ୍ରେମରେ । 'ଅନ୍ଧଦିଗନ୍ତ' ଉପନ୍ୟାସର ଶ୍ୟାମବନ୍ଧୁ ଓ ନିଧି ଦାସ ଭଳି ଚରିତ୍ରମାନେ ଗାଁ ଗାଁରେ ଚରଖାର ପ୍ରଚାର ପ୍ରସାର କରିବା ସହିତ ଅସହଯୋଗ ଆନ୍ଦୋଳନରେ ସାମିଲ୍ ହୁଅନ୍ତି । ସ୍ୱରାଜ୍ୟ ପରେ ଶୋଷଣର ରୂପ ବଦଳିଯାଏ । ଯେଉଁମାନଙ୍କ ଉତ୍ସର୍ଗୀକୃତ ଜୀବନରେ ଦେଶ ସ୍ୱାଧୀନ ହେଲା, ସେମାନେ ହିଁ ପ୍ରଥମେ ଅବହେଳିତ ହୁଅନ୍ତି ସ୍ୱାଧୀନ ଦେଶରେ ।

ଉତ୍କଳୀୟ ଚେତନାର ଜାତୀୟ ଦେବତା ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ଗଢ଼ି ଉଠିଛି 'ନୀଳଶୈଳ' ଓ 'ନୀଳାଦ୍ରି ବିଜୟ' ଉପନ୍ୟାସ । ଏହି ଉପନ୍ୟାସ ଦ୍ୱୟ ଐତିହାସିକ ଉପନ୍ୟାସ ପର୍ଯ୍ୟାୟଭୁକ୍ତ । ଇତିହାସ ତଥ୍ୟପୂର୍ଣ୍ଣ କିନ୍ତୁ ତତ୍ତ୍ୱପୂର୍ଣ୍ଣ ନୁହେଁ । ପୁନଶ୍ଚ ଏହା ବାସ୍ତବ ଓ ଜୀବନ୍ତ । କିନ୍ତୁ ଇତିହାସକୁ ସମ୍ବଳକରି ରଚନା କରାଯାଇଥିବା ଉପନ୍ୟାସ ଯଦିଓ ଇତିହାସର କଥାବସ୍ତୁକୁ ନେଇ ଗତିଶୀଳ ତଥାପି ଏଥିରେ ଔପନ୍ୟାସିକର ସ୍ୱକଳ୍ପନା ଅତିମାତ୍ରାରେ ସ୍ଥାନିତ । ଏହାର ଚରିତ୍ରଙ୍କ ମଧ୍ୟରୁ କେତେକ ଐତିହାସିକ ହେବାବେଳେ ଆଉ କେତେକ ସଂପୂର୍ଣ୍ଣ କାଳ୍ପନିକ ବା ଜନଶ୍ରୁତି ଉଦ୍ଭୃତ ହୋଇଥାନ୍ତି । ଅନେକ ସମୟରେ ଐତିହାସିକ ସତ୍ୟତା ମୂଳରେ ପ୍ରଚଣ୍ଡ କୁଠାରଘାତ କରି ଐତିହାସିକ ଉପନ୍ୟାସ ସ୍ରଷ୍ଟା ଉପନ୍ୟାସର କାହାଣୀକୁ ଆହୁରି ବାସ୍ତବଧର୍ମୀ ମଧ୍ୟ କରି ଦେଇଥାନ୍ତି ।[୩] ଓଡ଼ିଆ ଜାତିର ଆତ୍ମାର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ଉପରେ ଅତୀତରେ ବହୁବାର ଆକ୍ରମଣ ହୋଇଛି । 'ନୀଳଶୈଳ' ଉପନ୍ୟାସରେ ଶ୍ରୀ ଜଗନ୍ନାଥଙ୍କୁ ରକ୍ଷା କରିବାକୁ ଯାଇ ରାମଚନ୍ଦ୍ର ଦେବ ବିଧର୍ମୀ ହେବାକୁ ବାଧ୍ୟ ହୋଇଛନ୍ତି ସିନା ତାଙ୍କର ଭକ୍ତି ଓ ଶ୍ରଦ୍ଧାରେ ଶୂନ୍ୟତା ଆସିନାହିଁ । ଚିଲିକାର ମହାକାନ୍ତାରରେ ଶ୍ରୀ ଜଗନ୍ନାଥ ଆତ୍ମଗୋପନ କରିବାରୁ ଉତ୍କଳୀୟ ଜନ ଜୀବନରେ ଏକ ବିରାଟ ଶୂନ୍ୟତାର ସୃଷ୍ଟି ହୋଇଛି । ରତ୍ନସିଂହାସନକୁ ଶ୍ରୀ ଜଗନ୍ନାଥ ପ୍ରତ୍ୟାବର୍ତ୍ତନ କରିଥିବା ଘଟଣାକୁ ନେଇ ରଚିତ ହୋଇଛି 'ନୀଳାଦ୍ରି ବିଜୟ' ଉପନ୍ୟାସ । ବହୁ ଚରିତ୍ରର ଆବିର୍ଭାବ ଘଟାଇ ଏହି ଉପନ୍ୟାସ ଦ୍ୱୟରେ ସୁରେନ୍ଦ୍ର ତତ୍କାଳୀନ ଜନଜୀବନ ଓ ସମାଜର ଚିତ୍ରକୁ ବାଙ୍ମୟ କରିଛନ୍ତି । ଶ୍ରୀ ଜଗନ୍ନାଥଙ୍କୁ ରକ୍ଷା କରିବାକୁ ଯାଇ ରାମଚନ୍ଦ୍ର ଦେବ ମୁସଲମାନୀ କନ୍ୟାକୁ ବିବାହ କରିଥିଲେ । ଯେଉଁ ରାମଚନ୍ଦ୍ର ଶ୍ରୀ ଜଗନ୍ନାଥଙ୍କୁ ଫେରାଇ ଆଣିଲେ, ତାଙ୍କୁ ରକ୍ଷଣଶୀଳ ହିନ୍ଦୁ ସମାଜ ବଡ଼ଦେଉଳକୁ ପ୍ରବେଶ କରିବାକୁ ନିଷିଦ୍ଧ କରିଛି ।

ଇତିହାସ ଓ କିମ୍ବଦନ୍ତୀ ମଧ୍ୟରେ ସୁସମନ୍ୱୟ ରକ୍ଷା କରିଥିବା କୃଷ୍ଣାବେଣୀରେ ସଂଧ୍ୟା ଏକ ଅପୂର୍ବ ରଚନା । ପ୍ରତାପରୁଦ୍ର ଦେବଙ୍କ କନ୍ୟା ଜଗନ୍ମୋହିନୀ କୃଷ୍ଣଦେବ ରାୟଙ୍କ ରୂପ ଗୁଣାଦି ଶୁଣି ତାଙ୍କ ପ୍ରତି ପ୍ରେମାସକ୍ତ ହୋଇପଡ଼ନ୍ତି । ଘଟଣାକ୍ରମରେ ସେ ଦୁହିଁଙ୍କର ବିବାହ ହୁଏ । କିନ୍ତୁ କୃଷ୍ଣ ଦେବ ରାୟ ଅନ୍ୟଜଣକ ପ୍ରତି ଆସକ୍ତ ଜାଣି ବାସର ରାତିରେ ଅଭିମାନିନୀ ଜଗନ୍ମୋହିନୀ କୃଷ୍ଣଦେବଙ୍କୁ ପ୍ରତ୍ୟାଖ୍ୟାନ କରନ୍ତି । ଘଟଣାନୁସାରେ ବୀରଭଦ୍ର ଆତ୍ମହତ୍ୟା କରିବାକୁ ପ୍ରତାପରୁଦ୍ରଙ୍କ ମନରେ ଭାବାନ୍ତର ସୃଷ୍ଟି ହୁଏ ଓ ସେ ଶ୍ରୀଚୈତନ୍ୟଙ୍କ ସାହଚର୍ଯ୍ୟ କାମନା କରନ୍ତି । କିନ୍ତୁ ଏହି ସମୟରେ ଶ୍ରୀ ଚୈତନ୍ୟଙ୍କ ଦେହାନ୍ତ ହୁଏ । ସାମରିକ ପରିବେଶ ମଧ୍ୟରେ ଏହି ଉପନ୍ୟାସର କାହାଣୀ ଗତିଶୀଳ ହେବା ସହିତ ଉତ୍କଳୀୟ ଜନଜୀବନରେ ଉଦ୍ଭାସିତ ହୋଇଛି ।

ବୁଦ୍ଧଦେବଙ୍କ ମହାନିର୍ବାଣ ପରେ ବୌଦ୍ଧଧର୍ମର ଅବକ୍ଷୟ ଓ ବିପର୍ଯ୍ୟୟ ଘଟିବା କାରଣରୁ ଆଜୀବକମାନେ ଅଟ୍ଟହାସ୍ୟ କରିଛନ୍ତି 'ଆଜୀବକର ଅଟ୍ଟହାସ୍ୟ' ଉପନ୍ୟାସରେ । ଏହା ବୌଦ୍ଧଧର୍ମର ତତ୍ତ୍ୱରେ ପରିପୁଷ୍ଟ ହେବା ସହିତ ତତ୍କାଳୀନ ଉତ୍କଳୀୟ ସମାଜର ଚିତ୍ରରେ ପରିପୂର୍ଣ୍ଣ ।

ଉତ୍କଳଗୌରବ ମଧୁସୂଦନଙ୍କ ପ୍ରତି ସୁରେନ୍ଦ୍ରଙ୍କର ରହିଛି ଅସୁମାରୀ ଶ୍ରଦ୍ଧା ଓ ସମ୍ମାନ । ତାଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଧ୍ୟାନ ଦେଇ ଗୁଣଗ୍ରାହୀ ଔପନ୍ୟାସିକ ଲେଖିଛନ୍ତି 'ଶତାବ୍ଦୀର ସୂର୍ଯ୍ୟ ଓ କୁଳବୃଦ୍ଧ' ଉପନ୍ୟାସ ଯହିଁରେ ବିମ୍ବିତ ହୋଇଛି ସମକାଳୀନ ଉତ୍କଳର ସାମାଜିକ ଓ ରାଜନୈତିକ ଚିତ୍ର । ସୁରେନ୍ଦ୍ର ଜଣେ ମାନବ ଓ ସମାଜ ପ୍ରତିବଦ୍ଧ ଲେଖକ । ସଚ୍ଚା ଓଡ଼ିଆ ଭାବରେ ଓଡ଼ିଶାର ଗୌରବମୟ ଇତିହାସକୁ ଉପନ୍ୟାସର ରୂପ ଦେଇ ଓଡ଼ିଆ ପାଠକଙ୍କ ଅଶେଷ ଶ୍ରଦ୍ଧାଭାଜନ ହୋଇପାରିଛନ୍ତି ।

**ସୁରେନ୍ଦ୍ରଙ୍କ ଉପନ୍ୟାସରେ ମାନବ ଜୀବନ ଓ ମୂଲ୍ୟବୋଧ :**

ଓଡ଼ିଆ ସାହିତ୍ୟ ଜଗତର ଲବ୍ଧ ପ୍ରତିଷ୍ଠିତ ଶିଳ୍ପୀ ସୁରେନ୍ଦ୍ର ମହାନ୍ତି ଜଣେ ମାନବ ପ୍ରତିବଦ୍ଧ ସାରସ୍ୱତ ସାଧକ । ଜୀବନରେ ରାଜନୀତି ସହିତ ସଂଶ୍ଳିଷ୍ଟ ଥିବା ହେତୁ ସମାଜର ବିଭିନ୍ନ ସ୍ତରର ମଣିଷମାନଙ୍କ ସହିତ ତାଙ୍କର ସମ୍ପର୍କ ଥିଲା । ସେ ରାଜନୀତିର ଜଟିଳତା ଭିତରେ ରହି ସୁଦ୍ଧା ଆତ୍ମାରେ ଥିଲେ ନିରୋଳା ସାହିତ୍ୟିକ । ସୁତରାଂ ତାଙ୍କ ସୃଷ୍ଟିରେ ବିଭିନ୍ନ ମଣିଷର ଜୀବନ ପ୍ରକଟିତ ହୋଇଛି । ମାନବ ଜୀବନର ଅତଳ ରହସ୍ୟକୁ ଉଦ୍‌ଘାଟନ କରି ତାର ମୂଲ୍ୟବୋଧକୁ ଚିହ୍ନଟ କରିବାରେ ସୁରେନ୍ଦ୍ରଙ୍କ ଦକ୍ଷତା ଅବିସମ୍ବାଦିତ ।

ଛାତ୍ର ସମାଜର ଉଚ୍ଛୃଙ୍ଖଳ ଜୀବନର ଜୀବନ୍ତ ଆଲେଖ୍ୟ ହେଉଛି 'କଲେଜବୟ' ଉପନ୍ୟାସ । କଲେଜ ଛାତ୍ରୀ କରବୀ ଓ ମଞ୍ଜରୀର ପତ୍ରାଳାପରେ ତତ୍କାଳୀନ କଲେଜ ଓ କଲେଜ ଛାତ୍ର ଜୀବନ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳେ । ଏହି ଦୁଇ ବାନ୍ଧବୀ କଲେଜ ଛାତ୍ର ନିଶୀଥ, ସୁକାନ୍ତ ଓ ସରୋଜ ସମ୍ପର୍କରେ ଚିଠି ଗୁଡ଼ିକରେ ଆଲୋଚନା କରିଛନ୍ତି । ଉଭୟ ନିଶୀଥ ଓ ସୁକାନ୍ତ ମଞ୍ଜରୀକୁ ପାଇବା ପାଇଁ ବ୍ୟାକୁଳ । ମଞ୍ଜରୀର ପ୍ରୀତି କାମନା କରି ଜଣେ ତଳେ ପଡ଼ିଥିବା ଚଟିକୁ ଉଠାଇ ଆଣି ମଞ୍ଜରୀକୁ ପିନ୍ଧାଇ ଦିଏ ତ ଆରଜଣକ ଛରିଟି ସୋ'ର ଟିକେଟ୍ ବିକ୍ରି କରେ । ପ୍ରେମ ନିମିତ୍ତ ମଧୁ ନିବେଦନ କରି ଦୁହେଁ ହତାଶ ହୁଅନ୍ତି । ସେକ୍ସପିଅରଙ୍କର କ୍ଲାସିକାଲ୍ ପ୍ରେମିକ ନିଶୀଥ ପ୍ରେମ ନିବେଦନରେ ନିରାଶ ହୋଇ ସିନ୍‌କ ପାଲଟିଛି । ବିଚରା ସୁକାନ୍ତ ପ୍ରିନ୍ସିପାଲଙ୍କ ଦ୍ୱାରା ଏକ୍ସପେଲ୍ ହୋଇ ସାଜିଛି ଦେବଦାସଙ୍କ ଉପନ୍ୟାସର ଦେବଦାସ । ମଞ୍ଜରୀ କିନ୍ତୁ ହାର୍ ମାନିଛି ସରୋଜର ବ୍ୟକ୍ତିତ୍ୱ ଓ ପ୍ରତିଭା ନିକଟରେ ଏବଂ ତାକୁ ବିବାହ କରିଛି । କରବୀ ନିଜ ଚିଠିରେ କଲେଜକୁ କ୍ରୀତଦାସର କାରଖାନା ବୋଲି ଚିତ୍ରଣ କରିଥିବାର ଯଥାର୍ଥତା ଅନୁଭୂତ ହୁଏ । ଚାକିରି ଲକ୍ଷ୍ୟରେ ସାଧାରଣତଃ ଜଣେ କଲେଜ ପଢ଼ିବାକୁ ଯାଇଥାଏ । କଲେଜରୁ ବାହାରିବା ପରେ ଅନ୍ନସଂସ୍ଥାନ ପାଇଁ ସରକାରର ଗୋଲାମ ହେବାର ଅନିବାର୍ଯ୍ୟତା ରହିଛି । ତତ୍କାଳୀନ ଓଡ଼ିଆ ଲେଖକ କିଭଳି ଅନ୍ୟକୁ ନକଲ କରିବା ସହିତ ଶସ୍ତା ଜନପ୍ରିୟତା ପାଇଁ ଲେଖାରେ ଯୌନତାକୁ ସ୍ଥାନ ଦେଉଥିଲା ସେ ସମ୍ପର୍କରେ ମଧ୍ୟ କରବୀର ଚିଠିରୁ ଜାଣିହୁଏ ।

ପୃଥିବୀର ବାସ୍ତବତାର ବିରାଟତ୍ୱ ପାଖରେ ଜୀବନର ସମସ୍ତ ସଞ୍ଚିତ ସ୍ୱପ୍ନର ଭଣ୍ଡାର ଅତି କ୍ଷୁଦ୍ର । ସ୍ୱପ୍ନ ଗୋଟେ କଥା, ବାସ୍ତବତା ଗୋଟେ କଥା । ସ୍ୱପ୍ନ ଯେତେ ବଡ଼ ହେଲେ ବି ବାସ୍ତବତା ନିକଟରେ ଅତି ତୁଚ୍ଛ, ନଗଣ୍ୟ । ସ୍ୱପ୍ନବାଦୀ ଶିଳ୍ପୀ ପଙ୍କଜର ଜୀବନରେ ଆସିଛି ଦ୍ୱନ୍ଦ୍ୱ । ସ୍ୱପ୍ନବାଦୀ ମନ ନେଇ ଅତୀତରେ ପୃଥିବୀର ବାସ୍ତବତା ବିରୁଦ୍ଧରେ ସେ ଯୁଦ୍ଧ ଘୋଷଣା କରିଛି । ନିଷ୍ଠୁର ବାସ୍ତବତା ଓ କଳ୍ପନାମୟ ସ୍ୱପ୍ନ ଭିତରେ ହୋଇଥିବା ସଂଘର୍ଷରେ ସେ ପରାସ୍ତ ହୋଇଛି । ଘର ସଂକୀର୍ଣ୍ଣତାକୁ ଡେଇଁ ସେ ବିଶାଳ ପୃଥିବୀ ଆଡ଼କୁ ପାଦ ଲମ୍ବାଏ । ଟ୍ରେନ୍ ଯାତ୍ରାର ସଂକ୍ଷିପ୍ତ ପରିଚୟରେ ଆକର୍ଷିତ କରେ ରାମନାରାୟଣବାବୁଙ୍କୁ । ତାଙ୍କ ଅନୁରୋଧରେ ରାମନାରାୟଣ ବାବୁଙ୍କ ଘରକୁ ଯିବାଆସିବା ଭିତରେ ତାଙ୍କ ଝିଅ ଲୀଳା ସହିତ ଗଢ଼ି ଉଠେ ମଧୁର ସମ୍ପର୍କ । ଶିଳ୍ପୀ ପଙ୍କଜ ପ୍ରେମର ମନ ମତାଣିଆ ସ୍ପର୍ଶରେ ମତୁଆଲା ସାଜି ସଂଗୀତର ସ୍ୱରରେ ବିଭୋର ହୋଇଉଠେ । ସାଂସାରିକ ଜୀବନ ପାଇଁ କେବଳ ସୁନେଲି ସ୍ୱପ୍ନ ଓ ମନମତାଣିଆ ସଂଗୀତର ସ୍ୱର ଯଥେଷ୍ଟ ନୁହେଁ । ସଂସାର ଗଢ଼ିବା ପାଇଁ ଅର୍ଥର ଆବଶ୍ୟକତା ଅଛି । ଅର୍ଥ ପାଇଁ କର୍ମ କରିବା ଦରକାର । ପଙ୍କଜକୁ ଏତାଦୃଶ ଆଚରଣରୁ ମୁକୁଳେଇବା ପାଇଁ ସଂସାରୀ ମଣିଷ ରାମନାରାୟଣ ଉପାର୍ଜନର ଲାଳସା ଦେଖାନ୍ତି । ଜୀବନରେ ଲାଭକ୍ଷତିର ଗାଣିତିକ ହିସାବକୁ ନାପସନ୍ଦ କରି ଲୀଳା ଓ ତା' ବାପାଙ୍କ ଜୀବନ ପରିଧିରୁ ବାହାରି ଆସେ ପଙ୍କଜ । ସ୍ୱପ୍ନାଚ୍ଛନ୍ନ ହୋଇ ସଂଗୀତର ସ୍ୱରରେ ବୁଡ଼ି ରହିବା ହିଁ ଜୀବନ ବୋଲି ଆପାତତଃ ଧାରଣା ଥାଏ ପଙ୍କଜର । କିନ୍ତୁ ରାମନାରାୟଣ ବୁଝନ୍ତି ଜୀବନ କଳ୍ପନାର ବସ୍ତୁ ନୁହେଁ; ଜୀବନ ବାସ୍ତବତାର ରୂପ । ନିଜ ବନ୍ଧୁଙ୍କର ପୁଅ ସହିତ ଲୀଳାର ବାହା କରାନ୍ତି ।

ଜୀବନର ଚଲାପଥରେ ଆକସ୍ମିକ ଭାବେ ଲୀଳା ଓ ପଙ୍କଜର ସମ୍ପର୍କ ଆସିଥିଲା । ସେହି ଜୀବନର ଗତିରେ ସେ ଦୁହେଁ ପରସ୍ପର ଠାରୁ ପୃଥକ୍ ହୋଇଗଲେ । ବିବାହର ପାଞ୍ଚବର୍ଷ ପରେ ଲୀଳା ନିଜ ଘରେ ଦେଖେ ତାର ପ୍ରିୟ ପଙ୍କଜକୁ । ଜାଣିପାରେ, ସ୍ୱାମୀ ଶ୍ରୀକାନ୍ତର

ବନ୍ଧୁ ସେ । ଜୀବନର ପ୍ରଥମ ପ୍ରେମକୁ ବେଳଦିନ ପରେ ପାଖରେ ପାଇବାରୁ ଅତୀତର ଅଭୁଲା ସ୍ମୃତି ତାକୁ ଛଟପଟ କରେ । ଶ୍ରୀକାନ୍ତର ନିମନ୍ତ୍ରଣ ରକ୍ଷାକରି ପଙ୍କଜ ତା' ଘରକୁ ଆସିଥିବାବେଳେ ଘରେ ଶ୍ରୀକାନ୍ତ ଅନୁପସ୍ଥିତ । ତଥାପି ଲୀଳା ତାକୁ ଅଭ୍ୟର୍ଥନା ଦେଇଛି । ତାର ଅଭ୍ୟର୍ଥନାରେ ଅଛି ହୃଦୟର ସ୍ପନ୍ଦନ, ଆତ୍ମାକାଂକ୍ଷା ଓ ଜୀବନର ଆକୁଳତା । ଲୀଳାକୁ ଏକାନ୍ତରେ ପାଇ ଅବ୍ୟକ୍ତ ଅନୁଶୋଚନାର ଦଂଶନରେ ପଙ୍କଜ ମ୍ରିୟମାଣ ହୋଇଛି । ଲୀଳା ଚା' ଆଣିବାକୁ ଗଲାବେଳେ ସେଠାରୁ ସନ୍ତର୍ପଣ ଭାବରେ ପଙ୍କଜ ଚାଲିଆସିଛି ।

ନିଃସହାୟ ରୋଗାକ୍ରାନ୍ତ ବନ୍ଧୁ ପଙ୍କଜର ସେବା ଶୁଶ୍ରୁଷା ନିଜ ଘରେ କରିବାକୁ ଶ୍ରୀକାନ୍ତ ପ୍ରସ୍ତାବ ଦେବାରୁ ଲୀଳା ଜିଦ୍ ଧରିଛି ତାକୁ ଘରକୁ ନ ଆଣିବାକୁ । କିନ୍ତୁ ଶ୍ରୀକାନ୍ତର ହୃଦୟ ସଂକୀର୍ଣ୍ଣ ନୁହେଁ । ସେ ବନ୍ଧୁବତ୍ସଳ । ଲୀଳାକୁ ସେ ବୁଝେଇଛି ଖୁବ୍ । ଶେଷରେ ଲୀଳା ରାଜି ହୋଇଛି; କିନ୍ତୁ ନର୍ସରେ ଦାୟିତ୍ୱରେ ପଙ୍କଜକୁ ରଖାଯିବାର ନିଷ୍ପତ୍ତିକୁ ସେ ଗ୍ରହଣ କରିପାରି ନାହିଁ । ସ୍ୱଇଚ୍ଛାରେ ପଙ୍କଜର ସେବା ଦାୟିତ୍ୱ ନେଇଛି । ଲୀଳାର ଶ୍ରଦ୍ଧାବୋଳା ସେବାରେ କ୍ରମଶଃ ସୁସ୍ଥ ହୋଇଛି ପଙ୍କଜ ଓ ଦିନେ ନିରୋଳାରେ ପାଇ ପଚାରିଛି ତାକୁ ସାନ୍ତରିକ ସେବା କରିବାର କାରଣ । ଲୀଳାର ଭିତରେ ଦେଖାଦେଇଛି ଦ୍ୱନ୍ଦ୍ୱ । ସ୍ୱାମୀର ନିର୍ମଳ ଆନ୍ତରିକତା ଓ ତାର ଏକାନ୍ତ ସୁକୁମାର ଅତୀତର ସଂଘର୍ଷରେ ଛନ୍ଦି ହୋଇଯାଇଛି ଲୀଳା । ସେ ପୁଣି ଆସିଛି ପଙ୍କଜ ପାଖକୁ । ପଙ୍କଜ ନିଜକୁ ଆୟତ୍ତ କରିପାରେନି, ଲୀଳାକୁ ନିଜର କରିନେବାକୁ ସାନୁରୋଧ ପ୍ରସ୍ତାବ ଦିଏ । ପ୍ରିୟା ଲୀଳାର ରୂପ ବଦଳି ଯାଇଛି ବଧୂରୂପରେ । ପଙ୍କଜର ମୁହଁରେ ସେ ଜୋରରେ ଆଘାତ ଦିଏ । ପଙ୍କଜ ଚାଲିଯାଏ ଘରଛାଡ଼ି । ପ୍ରିୟା ଲୀଳାର ହୃଦୟରେ ଭରିଯାଏ ଦୁଃଖ ଓ ଅନୁଶୋଚନା । ପଙ୍କଜ ଚାଲିଯିବା ପୂର୍ବରୁ ତା' କପାଳରେ ବିଦାୟର ଶେଷ ଚୁମ୍ବନ ପ୍ରିୟା ଲୀଳା ଦେଇ ପାରିଥିଲେ ଜୀବନ ସାର୍ଥକ ହୋଇଥାନ୍ତା ବୋଲି ଲୀଳାର ଭାବନା ଆସେ ।

'ବଧୂ ଓ ପ୍ରିୟା' ଉପନ୍ୟାସରେ ସ୍ୱପ୍ନବାଦୀ ଶିଳ୍ପୀ ପଙ୍କଜର ପରବର୍ତ୍ତୀ ଜୀବନ ଲୀଳା ବିହୁନେ ବିପର୍ଯ୍ୟସ୍ତ ହୋଇପଡ଼ିଚି । ଶ୍ରୀକାନ୍ତର ଜୀବନ ସଂକୀର୍ଣ୍ଣତା ମଧ୍ୟରେ ଆବଦ୍ଧ ନୁହେଁ । ତା' ଜୀବନର ମୂଲ୍ୟବୋଧ ହେଉଛି ବନ୍ଧୁ ବତ୍ସଳତା । ନିଜ ବିଚାରକୁ ଜୋର୍ କରି ଲଦିଦିଏ ନାହିଁ ପତ୍ନୀ ଲୀଳା ଉପରେ । ଯୁକ୍ତି ଛଳରେ ତାକୁ ବୁଝାଏ । ଏହି ଚରିତ୍ରର ଜୀବନ ବୃହତ୍ତର ଦିଗ୍‌ବଳୟ ଆଡ଼େ ପ୍ରଲମ୍ବିତ । ନାରୀ ଜୀବର ନିଃସଂଗବୋଧ ତଥା ତା' ମନ ଓ ଅନ୍ତଶ୍ଚେତନାର କଥାକୁ ଉଦ୍‌ଘାଟନ କରିବାରେ ଶିଳ୍ପୀ ସୁରେନ୍ଦ୍ର ମହାନ୍ତି ସଫଳ ହୋଇ ପାରିଛନ୍ତି ।

ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ଜୀବନର ସଫଳ ଶିଳ୍ପୀ । ତାଙ୍କ ଉପନ୍ୟାସରେ ଜୀବନକୁ ତନ୍ନତନ୍ନ କରି ଦେଖି ତାକୁ ବାଣୀ ରୂପ ଦେଇଛନ୍ତି । ଗାନ୍ଧିଜୀଙ୍କ ଆହ୍ୱାନରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ମଣିଷର ଭାବନା ଥିଲା ସ୍ୱରାଜ ମିଳିବ । ନିଜ ମାଟିରେ ନିଜ ଦେଶରେ ସେ ସ୍ୱାଧୀନ ଭାବରେ ବଞ୍ଚିବ । ସ୍ୱାଧୀନତାର ସ୍ୱାଦ ଚାଖିବାର ଅଦମ୍ୟ ଉତ୍ସାହରେ କେତେ ଲୋକ ଗାନ୍ଧିଙ୍କର ଡାକରାରେ ଉଦ୍‌ବୁଦ୍ଧ ହେଲେ । ଜେଲଦଣ୍ଡ, ଲାଠିପ୍ରହାର, ଗୁଳିମାଡ଼ କୌଣସିରେ ଭୟଭୀତ ହୋଇନାହିଁ । ତାଙ୍କର ଗୋଟିଏ ଲକ୍ଷ୍ୟ, ଦେଶ ସ୍ୱାଧୀନ ହେବ । ଏଭଳି ଜଣେ ସ୍ୱାଧୀନତା ସଂଗ୍ରାମୀ ଶ୍ୟାମବନ୍ଧୁ କହିଛି - ଆମେ ରାଜନୀତି ବୁଝୁ ନାହିଁ । ଆମେ ଗୋଟିଏ କଥା ବୁଝିଛୁ ସ୍ୱରାଜ୍ୟ ରାମରାଜ୍ୟ । ସେ ସ୍ୱରାଜ କ'ଣ ତା' ମଧ୍ୟ ଆମେ ଜାଣିନାହୁଁ । ସ୍ୱରାଜ ଆମ ପାଇଁ ନୂଆ ମଣିଷ, ନୂଆ ସମାଜର ସର୍ଜନା । ବିଦେଶୀ ଶାସନ ଥିବା ଯାଏ ତାହା ସମ୍ଭବ ହୋଇପାରିବ ନାହିଁ । ସେଥିପାଇଁ ଆମେ ବିଦେଶୀ ଶାସନକୁ ଏ ଦେଶରୁ ମୂଳପୋଛ କରିବାପାଇଁ ବାହାରିଛୁ ।[୪] ଏ ଥିଲା ସ୍ୱାଧୀନତା ସଂଗ୍ରାମୀର ମୂଲ୍ୟବୋଧ । କିନ୍ତୁ ତା'ର ସ୍ୱପ୍ନ ଉଜୁଡ଼ି ଯାଇଛି । ସ୍ୱାଧୀନତା ପରେ ସ୍ୱାର୍ଥାନ୍ଧ ବ୍ୟକ୍ତିମାନଙ୍କ ହାତକୁ ଯାଇଛି ଦେଶର ଭାଗ୍ୟ । ଯାର' ଲୁହ ଲହୁରେ ଦେଶ ପରାଧୀନତାରୁ ମୁକୁଳିଲା, ସ୍ୱାଧୀନ ଦେଶରେ ସେ ହେଲା ଅଲୋଡ଼ା ମଣିଷ, ଅବହେଳିତ ଜୀବନରେ ବଞ୍ଚିବା ସହିତ ପ୍ରତିନିୟତ ହେଲା ଅତ୍ୟାଚରିତ ।

ରାମଚନ୍ଦ୍ର ଦେବଙ୍କ ଜୀବନର ଶୁଦ୍ଧତାକୁ ଚିହ୍ନି ହୁଏ 'ନୀଳଶୈଳ' ଉପନ୍ୟାସରେ । ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ରହିଛି ଅତୁଟ ଭକ୍ତି । ତକି ଖାଁର ଆକ୍ରମଣରୁ ଶ୍ରୀଜଗନ୍ନାଥଙ୍କୁ ବଞ୍ଚାଇବା ସକାଶେ ଚିଲିକାର ହେନ୍ତାଳ ବନରେ ତାଙ୍କୁ ଲୁଚାଇ ରଖିଛନ୍ତି । ଓଡ଼ିଶାର ଜାତୀୟ ଦେବତା ଓ ଓଡ଼ିଆ ଜାତି ପାଇଁ ସେ ନିଜକୁ ଉତ୍ସର୍ଗ କରି ଦେଇଛନ୍ତି, ମୁସଲମାନୀ ଝିଅକୁ ବାହା ହୋଇ ବିଧର୍ମୀ ହୋଇଛନ୍ତି । କିନ୍ତୁ ତାଙ୍କର ଜୀବନର ମୂଲ୍ୟ ଦେଇପାରିନି ଏ ସମାଜ । ତାଙ୍କ ପାଇଁ ଶ୍ରୀମନ୍ଦିରର ଦ୍ୱାର ବନ୍ଦ କରି ଦିଆଯାଇଛି ।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନକୁ ନେଇ ସୁରେନ୍ଦ୍ର ଲେଖିଛନ୍ତି 'ଶତାବ୍ଦୀର ସୂର୍ଯ୍ୟ' ଓ 'କୂଳବୃଦ୍ଧ' ଉପନ୍ୟାସ । ମଧୁସୂଦନଙ୍କ ଜୀବନର ଜୀବନ୍ତ ଇତିହାସ ରହିଛି ଏହି ଉପନ୍ୟାସ

ଦ୍ୱୟରେ । ସୁରେନ୍ଦ୍ରଙ୍କ ଉପନ୍ୟାସ ଜୀବନର ସତ୍ୟତାକୁ ପ୍ରତିପାଦିତ କରେ । ସୁରେନ୍ଦ୍ରଙ୍କ ଉପନ୍ୟାସ ଜୀବନର ମୂଲ୍ୟବୋଧକୁ ପ୍ରତୀକିତ କରେ । ସୁରେନ୍ଦ୍ରଙ୍କ ଉପନ୍ୟାସ ସର୍ବାଗ୍ରେ ଜୀବନର ହିଁ କଥା କହେ ।

ସୁରେନ୍ଦ୍ରଙ୍କ ଉପନ୍ୟାସରେ ତତ୍କାଳୀନ ସମାଜ :

ସୁରେନ୍ଦ୍ରଙ୍କ ଉପନ୍ୟାସରେ ଚଳନ୍ତି ସମୟରେ ମଣିଷର ଅନ୍ତର୍ଦ୍ୱନ୍ଦ୍ୱ, ଜୀବନ ସଂଘର୍ଷ ଓ ସଂଘାତର ବର୍ଣ୍ଣନା ରହିବା ସହିତ ସମାଜର ସ୍ଥିତି, ସମସ୍ୟା ତଥା ତହିଁର ସମାଧାନର ସୂତ୍ର ରହିଛି । ସେ ଇତିହାସର କୁକ୍ଷୀ ବିଦୀର୍ଣ୍ଣ କରି ମଣିଷ ଜୀବନର ଚିରନ୍ତନ ସ୍ୱରକୁ ଶୁଣାଇ ଅଛନ୍ତି ।

ସ୍ୱାଧୀନତାର ପ୍ରାକ୍‌କାଳରେ ନବ୍ୟ ଶିକ୍ଷିତ ଗୋଷ୍ଠୀ ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତି ପ୍ରତି ଆକର୍ଷିତ ହୋଇଛନ୍ତି । କଲେଜ ଛାତ୍ରଛାତ୍ରୀ ମାନେ ଶିକ୍ଷାର ମୂଲ୍ୟବୋଧରୁ ଓହରି ଯାଇ ପ୍ରେମର ନାମରେ ଯୌନତା ଓ ଉଚ୍ଛୃଙ୍ଖଳତା ପଛରେ ପଡ଼ିଛନ୍ତି । 'କଲେଜବୟ'ର ନିଶୀଥ ଓ ସୁକାନ୍ତ ଏହାର ଉଦାହରଣ । ଇଂରାଜୀ ଶିକ୍ଷା ଓ ସଭ୍ୟତା ଓଡ଼ିଶାର ଯୁବଗୋଷ୍ଠୀକୁ ବିପଥଗାମୀ କରିଛି । କଲେଜ ପାଲଟି ଯାଇଛି କ୍ରୀତଦାସ ତିଆରି କାରଖାନା ।

୧୯୨୧ ମସିହାରୁ ୧୯୫୨ ମସିହା ମଧ୍ୟରେ ଓଡ଼ିଶାର ରାଜନୀତିକ ଆକାଶରେ ଦେଖା ଦେଇଥିବା କାଳବୈଶାଖୀର ବାଣୀ ରୂପ ହେଉଛି 'ଅନ୍ଧଦିଗନ୍ତ' ଉପନ୍ୟାସ । ଗାନ୍ଧିଜୀଙ୍କ ଆହ୍ୱାନ କ୍ରମେ ଦେଶବ୍ୟାପୀ ଅସହଯୋଗ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମ । ଏଥିରେ ଓଡ଼ିଶାର ଯୋଗଦାନ କିଛି କମ୍ ନଥିଲା । ଯେଉଁ ଆଶା ଓ ଆକାଂକ୍ଷା ରଖି ମଣିଷ ନିଜ ଜୀବନକୁ ବିପନ୍ନ କରି ଦେଶମୁକ୍ତି ପାଇଁ ସଂଗ୍ରାମ କରିଛି, ଦେଶ ସ୍ୱାଧୀନ ହେବାରେ ଖୁସିରେ ଆତ୍ମହରା ହୋଇଛି, ସେହି ମଣିଷ ସ୍ୱାଧୀନ ଦେଶରେ ନିଜ ଲୋକଙ୍କ ଦ୍ୱାରା ଅତ୍ୟାଚରିତ ହୋଇଛି । ଦେଶର ରାଜନୀତିକୁ ଶୁଦ୍ଧୋଧନ ଓ ରାମ ରଥ ପରି ସ୍ୱାର୍ଥାନ୍ଧମାନେ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରିଛନ୍ତି । 'ଅନ୍ଧଦିଗନ୍ତ'ରେ କ୍ଷମତାଲିପ୍ସୁ ହୀନ ଓ ଘୃଣ୍ୟ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ଔପନ୍ୟାସିକ କଠୋର ସମାଲୋଚନା କରିଛନ୍ତି । ରାଜନୈତିକ ସମସ୍ୟା ସମାଜର ମୁଖ୍ୟ ସମସ୍ୟା ଭାବରେ ମୁଣ୍ଡ ଟେକିଛି । ରାଜନୀତିକୁ କେନ୍ଦ୍ର କରି ଓ ରାଜନୀତି ଜରିଆରେ ଦେଶର ପ୍ରଗତିର ଖସଡ଼ା ପ୍ରସ୍ତୁତ ହୁଏ । ସ୍ୱାର୍ଥାନ୍ୱେଷୀ ଘୃଣ୍ୟ ରାଜନୀତିଜ୍ଞ ମାନଙ୍କ ପ୍ରତି ସତର୍କ ରହିବା ସହିତ କଳଙ୍କମୁକ୍ତ ଶାସନ ପ୍ରତିଷ୍ଠା କରିବା ସକାଶେ ଭବିଷ୍ୟତ ବଂଶଧରମାନଙ୍କୁ ଔପନ୍ୟାସିକ ଆହ୍ୱାନ ଦେଇଛନ୍ତି ।

ଓଡ଼ିଆ ଜାତିର ଆତ୍ମା, ଓଡ଼ିଆ ଜାତିର ଜାତୀୟ ଠାକୁର ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ବିକଶିତ ହୋଇଛି ନୀଳଶୈଳ ଓ ନୀଳାଦ୍ରି ବିଜୟ ଉପନ୍ୟାସ । ସାଧାରଣରେ ଧାରଣା ଥାଏ ଯେ ଶ୍ରୀଜଗନ୍ନାଥ କବଳିତ ହେଲେ ଓଡ଼ିଆ ଜାତି ଭାଙ୍ଗିପଡ଼ିବ । ତେଣୁ ଓଡ଼ିଶାକୁ ଆକ୍ରମଣ କଲାବେଳେ ଶତ୍ରୁମାନେ ଶ୍ରୀଜଗନ୍ନାଥ ମନ୍ଦିରକୁ ପ୍ରଥମେ ଗୁରୁତ୍ୱ ଦେଉଥିଲେ । ବିଧର୍ମୀ ତକି ଖାଁର ଆକ୍ରମଣରୁ ଶ୍ରୀ ଜଗନ୍ନାଥଙ୍କୁ ରକ୍ଷା କରିବା ପାଇଁ ରାମଚନ୍ଦ୍ର ଦେବଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି । ଚିଲିକାର ହେନ୍ତାଳ ବନରେ ତାଙ୍କୁ ନେଇ ଲୁଚାଇଛନ୍ତି ।

ଶ୍ରୀ ଜଗନ୍ନାଥଙ୍କ ସୁରକ୍ଷା ପାଇଁ ରାମଚନ୍ଦ୍ର ଦେବଙ୍କ ଆଗ୍ରହ, ଚିନ୍ତା ଓ ଉଦ୍ୟମ ଅତୁଳନୀୟ । ଶେଷରେ ଶ୍ରୀ ଜଗନ୍ନାଥଙ୍କୁ ରତ୍ନ ସିଂହାସନକୁ ଫେରାଇ ଆଣିଛନ୍ତି ରାମଚନ୍ଦ୍ର ଦେବ । ପ୍ରଭୁଙ୍କ ଲାଗି ଯିଏ ପ୍ରତିନିୟତ ଚିନ୍ତିତ, ପ୍ରଭୁଙ୍କ ପାଇଁ ଯାହାଙ୍କ ଶ୍ରଦ୍ଧା-ସେବା-ଭକ୍ତିର ସୀମା ନାହିଁ, ସେହି ରାମଚନ୍ଦ୍ର ଦେବଙ୍କୁ କଠୋର ହିନ୍ଦୁସମାଜ ମନ୍ଦିର ପ୍ରବେଶାଧିକାର ଦେଇନାହିଁ ।

ଶ୍ରୀ ଚୈତନ୍ୟଙ୍କ ଉତ୍କଳ ଆଗମନରେ ଉତ୍କଳର ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ପରମ୍ପରା ପ୍ରଭାବିତ ହୋଇଛି । ତାଙ୍କର ଶୁଦ୍ଧାଭକ୍ତି ସମନ୍ୱିତ ବୈଷ୍ଣବ ଧର୍ମରେ ସମ୍ରାଟ ପ୍ରତାପରୁଦ୍ର ଦେବ ଦୀକ୍ଷିତ ହେବା ସହିତ ବହୁଲୋକ ସେହି ଧର୍ମକୁ ଗ୍ରହଣ କରି ନେଇଛନ୍ତି ।

ଯେଉଁ ଧର୍ମ ଏକଦା ଓଡ଼ିଶାର ଜନସାଧାରଣଙ୍କୁ ଆନ୍ଦୋଳିତ କରିଥିଲା, ସେହି ବୌଦ୍ଧଧର୍ମ ଗୌତମବୁଦ୍ଧଙ୍କ ମହାନିର୍ବାଣ ପରେ ବିଭାଜିତ ହୋଇ ପୂର୍ବର ଗୌରବ ଓ ଆଦର୍ଶର ମୂଲ୍ୟବୋଧକୁ ହରେଇ ବସିଛି । 'ଆଜୀବକର ଅଟ୍ଟହାସ୍ୟ' ଉପନ୍ୟାସରେ ସୁରେନ୍ଦ୍ର ମହାନ୍ତି ଏହି ଧର୍ମର ତତ୍ତ୍ୱ ବର୍ଣ୍ଣନା କରିବା ସହିତ ଉପନନ୍ଦ ଓ କ୍ଷେମା ଚରିତ୍ର ମାଧ୍ୟମରେ ତାର ଉତ୍କର୍ଷ ଓ ଅପକର୍ଷ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଔପନ୍ୟାସିକ ପ୍ରଥମତଃ ଜଣେ ସଚେତନ ଦ୍ରଷ୍ଟା । ପାରିପାର୍ଶ୍ୱିକ ସମାଜକୁ ସେ ନିରୀକ୍ଷଣ କରେ । ସମାଜର ସମସ୍ୟା ଓ ଯୁଗୀୟ ଚିନ୍ତାଧାରା ତାକୁ ଆଲୋଡ଼ିତ କରେ । ଏସବୁକୁ କଳ୍ପନା ସହିତ ମିଶାଇ ସୃଷ୍ଟିକରେ ସାହିତ୍ୟ । ସୁରେନ୍ଦ୍ର ଏହି ଧାରାର ଜଣେ ସମାଜ ଉତ୍ସର୍ଗୀକୃତ ସାହିତ୍ୟ ସାଧକ । ତେଣୁ ତ ତାଙ୍କ ସୃଷ୍ଟି ଯୁଗଚେତନାର ଆଲେଖ୍ୟ, ସାମାଜିକ ସମସ୍ୟାବଳୀର ଉଚ୍ଚାରଣ ଓ ସମସ୍ୟାର ସମାଧାନର ସୂତ୍ର । ଯେଉଁ ମାଟିରେ ସେ ଜନ୍ମିଛନ୍ତି, ଯେଉଁ ମାଟିରେ ସେ ଗଢ଼ା ହୋଇଛନ୍ତି, ସେହି ମାଟିର ମଣଷ, ସମାଜ, ଐତିହ୍ୟ, ସଂସ୍କୃତି ଓ ପରମ୍ପରାଦି ପ୍ରତି ସେ ହୋଇଛନ୍ତି ଆଗ୍ରହୀ । ଓଡ଼ିଆ

ଜାତିର ଗୌରବୋଜ୍ଜ୍ୱଳ ଇତିହାସକୁ ସେ ଖୋଜିଛନ୍ତି । ତାଙ୍କ ଚିନ୍ତା ଓ ଚେତନାରେ ଜୀବନର ମହନୀୟତା ଭରି ରହିଛି ।

ସମାଜର କୁସଂସ୍କାର, ଅନାଚାର, ଅତ୍ୟାଚାର ଓ ବ୍ୟଭିଚାର ପ୍ରତି ସେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ସମାଜର ପୁନର୍ଗଠନ ପାଇଁ ସେ ଆହ୍ୱାନ ଦେଇଛନ୍ତି । ଇଂରେଜ ସରକାରକୁ ତଡ଼ିବା ପାଇଁ ଦେଶବ୍ୟାପୀ ଆନ୍ଦୋଳନ ହୋଇଥିଲା । ଇଂରେଜ ସରକାରର ଅତ୍ୟାଚାରରେ ଅତିଷ୍ଠ ହୋଇପଡ଼ିଥିଲା ଦେଶ । ସେହି ଅତ୍ୟାଚାରୀ ଇଂରେଜ ସରକାର ବିତାଡ଼ିତ ହେବାପରେ ଦେଶର ଲୋକଙ୍କ ହାତରେ ରହିଲା ଦେଶର ଶାସନ ଦାୟିତ୍ୱ । କିନ୍ତୁ ସ୍ୱାର୍ଥାନ୍ଧ ଓ କ୍ଷମତାରେ ମଦମତ୍ତ ରାଜନୀତିକ ନେତୃବୃନ୍ଦ ପୂର୍ବ- ଶାସକର ପଦାଙ୍କ ଅନୁସରଣ କରି ନିରୀହ ଜନସାଧାରଣକୁ ଶୋଷଣ କରୁଛନ୍ତି । ଶୁଦ୍ଧୋଧନ ଭଳି ସ୍ୱାର୍ଥପର ମଣିଷ ପାହାଚ ପରେ ପାହାଚ ଚଢ଼ି ଶସାନ ମୁଖ୍ୟ ହୁଏ । ତାର ଗୋଡ଼ାଣିଆ ଦାମ ରଥ ମାନେ କଳାବଜାରରେ କୁବେର ହୁଅନ୍ତି । ଗାନ୍ଧିପ୍ରେମୀ ନିଧି ଦାସ ମାନେ ତ୍ୟାଗସର୍ବସ୍ୱ ହୋଇ ତିଳତିଳ କରି ଜୀବନକୁ ହରେଇ ବସନ୍ତି ।

**ନିଷ୍କର୍ଷ :**

ଜୀବନର ବିକଳ୍ପ ନାହିଁ । ହସଲୁହ, ସୁଖ ଦୁଃଖ, ଭାବ ଅଭାବ, ଲାଭକ୍ଷତି, ଭୋଗତ୍ୟାଗ, ଆଶା ନିରାଶ, ଦେବତ୍ୱ ଅସୁରତ୍ୱ ଭିତରେ ଜୀବନ ଅନନ୍ୟ । ତେଣୁ ତ ଜୀବନ ଅତି ମୂଲ୍ୟବାନ୍ । ସେହି ଜୀବନର ଆକର୍ଷଣରେ ଲେଖକ ବିଭୋର । ସୁରେନ୍ଦ୍ରଙ୍କ ଉପନ୍ୟାସରେ ଏହି ଜୀବନ ଖୁବ୍ ଚଳଚଞ୍ଚଳ । ସେ ନାରୀ ହେଉ କି ପୁରୁଷ, ଶାସକ ହେଉ ଅବା ଶାସିତ ସମସ୍ତେ ଖୁବ୍ ଜୀବନ୍ତ । ଜୀବନର ଚିତ୍ରଣ କଲାବେଳେ ସୁରେନ୍ଦ୍ର ଖୁବ୍ ଗଦ୍‌ଗଦେଇ ଉଠନ୍ତି । ସବୁ ଚରିତ୍ର ଭିତରେ ସତେଯେମିତି ପଶିଯାଏ ସାରସ୍ୱତ ପୁରୁଷ । ଜୀବନ ଆହୁରି ଜୀବନ୍ତ ହୋଇ ସାମ୍ନାରେ ଉଭା ହୁଏ ।

କେବଳ ଜୀବନ ନୁହେଁ ସମାଜ ପ୍ରତି ମଧ୍ୟ ସୁରେନ୍ଦ୍ରଙ୍କ ରହିଛି ସଚେତନତା । ସମାଜକୁ ସେ ନିରେଖି ଦେଖନ୍ତି । ସମାଜର ତ୍ରୁଟି ବିଚ୍ୟୁତି, ସମସ୍ୟା, ସମସ୍ୟାର ସମାଧାନ ପାଇଁ ଖୋଜିଥିବା ପନ୍ଥାକୁ ଶୈଳ୍ପିକ ରୂପାୟନ କରିବାରେ ସେ ଯେଉଁ ପରାକାଷ୍ଠା ଦେଖାଇଛନ୍ତି, ତହିଁରେ ପାଠକ ବିମୋହିତ ହୁଏ । ତାଙ୍କ ଦୃଷ୍ଟିରେ ତାଙ୍କ ଚତୁଃପାର୍ଶ୍ୱରେ ସମାଜ କଣ୍ଟକିତ ଓ ସମସ୍ୟା ଜର୍ଜରିତ । ସମସ୍ୟା ମଧ୍ୟରେ ତାଙ୍କର ପ୍ରତ୍ୟେକ ଉପନ୍ୟାସର ଆରମ୍ଭ ଓ ବିକାଶ । ଏହି ସମସ୍ୟା କେତେବେଳେ ମଣିଷର ବାହ୍ୟିକ ଆଚାର, ଧର୍ମଦର୍ଶନ ଓ ଚଳଣିକୁ ନେଇ, ପୁଣି କେତେବେଳେ ତାର ଜାନ୍ତବ କ୍ଷୁଧାକୁ ନେଇ । ସୁରେନ୍ଦ୍ରବାବୁ ମାନବ ଜୀବନ ଓ ସମାଜର ଏସବୁ ଦିଗ ପ୍ରତି ଗଭୀର ଦୃଷ୍ଟିପାତ କରିଛନ୍ତି । ପୁନଶ୍ଚ ଅତୀତକୁ ଫେରିଯାଇ ଇତିହାସ ମଧ୍ୟରୁ ଉତ୍କଳୀୟ ମାନବର ଚିରନ୍ତନ ଜୀବନଧାରାର ସନ୍ଧାନ ପାଇଛନ୍ତି । ଜୀବନର ଏହି ବିପୁଳ ଅନୁଭୂତି, ଅଭିଜ୍ଞତା ଓ ଆବିଷ୍କାରକୁ ତାଙ୍କ ଉପନ୍ୟାସ ମାନଙ୍କରେ ସେ କଳାତ୍ମକ ରୂପ ପ୍ରଦାନ କରିଛନ୍ତି । ଫଳତଃ ତାଙ୍କ ଉପନ୍ୟାସ ଗୁଡ଼ିକ ହୋଇଛି ଓଡ଼ିଶାର ମାନବିକ ମୂଲ୍ୟବୋଧ ଓ ପ୍ରଚଣ୍ଡ ଜାତୀୟ ସ୍ୱାଭିମାନର ମର୍ମଗାଥା ।[୫]

ଉପନ୍ୟାସର କ୍ଷେତ୍ର ପ୍ରଶସ୍ତ ହୋଇଥିବାରୁ ବିଭିନ୍ନ ଘଟଣା ଓ ଚରିତ୍ରମାନଙ୍କୁ ସଂଯୋଜିତ କରିବା ପାଇଁ ଔପନ୍ୟାସିକ ପାଖରେ ଯେଉଁ ସୁଯୋଗ ରହିଛି, ସେପରି ସୁଯୋଗ ଆଉ କେଉଁଠି ନାହିଁ । ତେଣୁ ସାହିତ୍ୟର ଅନ୍ୟ ବିଭାଗ ଗୁଡ଼ିକ ଜୀବନର ଖଣ୍ଡିତାଂଶକୁ ପ୍ରକଟିତ କରିବା ବେଳେ ଉପନ୍ୟାସ ଜୀବନକୁ ସାମଗ୍ରିକ ଭାବରେ ତୋଳି ଧରେ । ଜୀବନ ଓ ସମାଜକୁ ଏକାକାର କରି ନିଜର ପ୍ରତିଭା ଓ ବୈଚାରିକ ଦୃଷ୍ଟିରେ ଜୀବନର ମୂଲ୍ୟବୋଧକୁ ଉପସ୍ଥାପନ କରେ । ସମାଜର ବିବିଧ ଘଟଣା ଓ କ୍ରିୟା ପ୍ରତିକ୍ରିୟାକୁ ପ୍ରସଙ୍ଗାନୁସାରେ ବର୍ଣ୍ଣନା କରି ନିଜର ସମାଜ ପ୍ରତିବଦ୍ଧତାର ପରିଚୟ ଦିଏ । ପାଠକର ମନୋରଞ୍ଜନ କରିବାର ଲକ୍ଷ୍ୟ ହିଁ ରଖିବା ଉପନ୍ୟାସ କି ଔପନ୍ୟାସିକର ଧର୍ମ ନୁହେଁ । ସାମାଜିକ ଓ ମାନବିକ ମୂଲ୍ୟବୋଧକୁ ଦୃଷ୍ଟିରେ ରଖି ଶୈଳ୍ପିକ ରୂପାୟନ କରାଗଲେ ତାହା ପାଠକକ ମନୋରଞ୍ଜନ ଦେବା ସହିତ ତାର ଚିନ୍ତା ଓ ଚେତନାକୁ ସମ୍ପ୍ରସାରିତ କରିବ ।

**ସହାୟକ ଗ୍ରନ୍ଥସୂଚୀ :**


୧. ସ୍ୱାଇଁ ଡ.ପ୍ରସନ୍ନ କୁମାର, ସାହିତ୍ୟର ଦୀପ୍ତି ଓ ବ୍ୟାପ୍ତି, ଓଡ଼ିଶା ବୁକ୍‌ଷ୍ଟୋର, କଯକ-୧୯୯୬, ପୃ.୮୦

୨. ରାଉତ ଭୋଳାନାଥ, ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି, ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ, ସଂ- ପଠାଣି ପଟ୍ଟନାୟକ, ଓଡ଼ିଶା ବୁକ୍‌ଷ୍ଟୋର କଟକ, ୨ୟ ସଂସ୍କରଣ - ୧୯୯୯, ପୃ.୬୪୬

୩. ଷଡ଼ଙ୍ଗୀ ଡ.ନୃସିଂହ, ଓଡ଼ିଆ ଉପନ୍ୟାସ ସାହିତ୍ୟର ଇତିହାସ, ଓଡ଼ିଶା ବୁକ୍‌ଷ୍ଟୋର, ବିନୋଦ ବିହାରୀ କଟକ, ୧ମ ସଂସ୍କରଣ - ୧୯୮୯, ପୃ.୫୩-୫୪

୪. ମହାନ୍ତି ସୁରେନ୍ଦ୍ର, ଅନ୍ଧଦିଗନ୍ତ, ପୃ.୧୨୪

୫. ସ୍ୱାଇଁ ଡ.ପ୍ରସନ୍ନ କୁମାର - ସାହିତ୍ୟର ଦୀପ୍ତି ଓ ବ୍ୟାପ୍ତି, ଓଡ଼ିଶା ବୁକ୍‌ଷ୍ଟୋର, କଟକ, ୧ମ ପ୍ରକାଶ - ୧୯୯୬, ପୃ.୮୮



*ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ*

*ସମ୍ବଲପୁର ବିଶ୍ୱବିଦ୍ୟାଳୟ,ଜ୍ୟୋତିବିହାର*


•••